# Akashvani, Sambalpur

# SAMBALPURI NEWS BULLETIN

## 3 September 2024- 6.47- 6.52 am.

**************************************************

ସମ୍ବଲ୍‌ପୁର୍ ନ ଏମ୍ସ           ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ନ ଏମ୍ସର ୨ ନମ୍ବର୍ କେନ୍ଦ୍ର ଖୁଲ୍‌ବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ -କେନ୍ଦ୍ର ସର୍‌କାର୍‌ଙ୍କର୍ ସାଙ୍ଗେ କଥାବାର୍ତା କରିକରି ପ୍ରକ୍ରିୟା ମୁଲ୍ କରିଛନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବିଧାନ୍‌ସଭାଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ଖର୍ଚ୍ଚ ଦାବି ଆଲୋଚନା ସମିଆଥି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ଯେ, ରାଜ୍ୟର୍ ଲୁକ୍‌କୁ ଉନ୍ନତ୍ ସ୍ୱାସ୍ଥ୍ୟସେବା ଆଉ ଉଷୋ ଯୁଗାବାର୍‌କେ ସର୍‌କାର୍ ସଂକଳ୍ପବଦ୍ଧ । ଇତାକେ ନଜର୍‌ଥି ରଖିକରି ସର୍‌କାର୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ସହେତେ ଆୟୁସ୍ମାନ୍ ଭାରତ୍ ଯୋଜ୍‌ନା ଭିଲ୍ ପହେଲା କରି ମୁଲ୍ କରିଛନ୍ । ଆୟୁଷ୍ମାନ୍ ଯୋଜ୍‌ନାର୍ ହିତାଧିକାରୀମାନେ ଦେଶର୍ ୨୭ ହଜାର୍ ଅନୁବନ୍ଧିତ୍ ହାସ୍‌ପାତାଲ୍‌ଥି ମାହାଲିଆ ସ୍ୱାସ୍ଥ୍ୟସେବା ପାଇପାର୍‌ବେ । ରାଜ୍ୟବାହାରେ କାମ୍ କରୁଥିବା

ଲୋକ୍‌ମାନେ ଦେଶର୍ କେନ୍‌ସି ଭି ଜାଗା ନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାର୍‌ବେ ବଲି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଚାଷୀମାନ୍‌କୁ ସି.ଏମ୍. କିଷାନ୍ ଯୋଜ୍‌ନାର୍ ପହେଲା କିସ୍ତି ଆଏବା ୮ ତାରିଖ୍ ନୂଆଖାଇ ଦିନ ଦିଆଯିବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଫସଲ୍‌ର ଡିଜିଟାଲ୍ ସର୍ବେକ୍ଷଣ୍ ସମୀକ୍ଷା ଉପ୍‌ରେ ହେଇଥିବା ବୈଠକ୍ ନୁ ଇ ବାବ୍‌ଦେ ସୂଚ୍‌ନା ମିଲିଛେ । ଇ ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆର୍ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅଧ୍ୟକ୍ଷତା କରିକରି ଇ-ଚାଷ୍ ଆପ୍ ଜରିଏ ଫସଲ୍‌ର ଡିଜିଟାଲ୍ ସର୍ବେକ୍ଷଣ୍ କରାଯାଉଛେ ବଲି କହିଛନ୍ । ସେ ଆହୁରି କହିଛନ୍ ଯେ, ଇ-ଚାଷ ଆପ୍ ଜରିଏ ଚାଷୀମାନ୍‌କର୍ ଫସଲ୍ ଆର୍ ଚାଷ୍ ଜମିର୍ ତଥ୍ୟ ସର୍‌କାର୍‌ଙ୍କର୍ ପାଖେ ପୁହୁଁଚିପାରୁଛେ । ଇ ସର୍ବେକ୍ଷଣ୍ ଆଏବା ୩୦ ତାରିଖ୍‌ତକ୍ ଜାରି ରହେବା । ସର୍ବେକ୍ଷଣ୍ ଆଧାର୍‌ଥି ଚାଷୀମାନେ ସିଏମ୍ କିଷାନ୍ ଆର୍ ଅଲ୍‌ଗା ଯୋଜ୍‌ନାର୍ ଆର୍ଥିକ୍ ସୁବିଧା ପାଇପାର୍‌ବେ । ଆଭାସୀ ଜରିଏ ହେଇଥିବା ବୈଠକ୍‌ଥି ସବୁ ଜିଲ୍ଲାର୍ ଜିଲ୍ଲାପାଲ୍ ମାନେ ଯୋଗ୍ ଦେଇଥିଲେ ।

ବାର୍ଡ଼୍‌ଫ୍ଲୁ -ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ବାର୍ଡ଼ଫ୍ଲୁର ଏବର୍ ଥିତି ଆର୍ ଏବ୍‌ତକ୍ ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ଆଭାସୀ ଜରିଏ ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆର୍ କେନ୍ଦ୍ର ପଶୁପାଲନ୍ ଆର୍ ଦୁଗ୍ଧ ବିଭାଗ୍‌ର ସଚିବ ଅଲକା ଉପାଧ୍ୟାୟ ଯୋଗ୍ ଦେଇକରି ରୋଗ୍ ସଂକ୍ରମଣ୍‌କେ ରୁକ୍‌ବାର୍ ଲାଗି ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ସମୀକ୍ଷା କରିଥିଲେ । ପୁରୀ ଜିଲ୍ଲାର୍ ପିପିଲି, ସତ୍ୟବାଦୀ, ନିମାପଡ଼ା ଆର୍ ଡେଲାଙ୍ଗ ବ୍ଲକ୍‌ର ୪ ଟା ଗାଁ ନ ବାର୍ଡ଼ ଫ୍ଲୁ ଚିହ୍ନଟ୍ କରାଯାଇଥିବାର୍ ବୈଠକ୍ ନୁ ଜନାପଡ଼ିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ନିର୍ଦ୍ଦେଶିତ କାର୍ଯ୍ୟଯୋଜ୍‌ନା ଅନ୍‌ସାରେ ରୋଗ ନିୟନ୍ତ୍ରଣ ଆର୍ ନିରାକରଣ୍ କାର୍ଯ୍ୟକ୍ରମ୍ ଚାଲୁ ରହିଛେ ।  ଆଏବା କାଏଲ୍ ଆର୍ ଗୁରୁବାର୍ ଦିନ ଖୋବ୍ ଜଲ୍‌ଦି ଆଉ ଘାଏ ତଦାରଖ୍ ଲାଗି ଗୁଟେ କେନ୍ଦ୍ରୀୟ ଦଲ୍ ରାଜ୍ୟକେ ଆସ୍‌ବେ ।

ବିଜେପି ସଦସ୍ୟତା ଅଭିଯାନ୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ନୁ ବିଜେପିର୍ ସଦସ୍ୟତା ଅଭିଯାନ୍ ମୁଲ୍ ହେଉଛେ । ଇତାର୍‌ସହେତେ ଦଲର୍ ସଦସ୍ୟତା ନବୀକରଣ୍ କାମ୍ ଭିଲ୍ ମୁଲ୍ ହେବା ବଲି ବିଜେପି ତରଫୁ ସୂଚ୍‌ନା ଦିଆଯାଇଛେ । ଦଲର୍ ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଲ୍‌ର

ସଦସ୍ୟ ଆଉ ଅଲ୍‌ଗା ଦଲୀୟ କାର୍ଯ୍ୟକର୍ତାଙ୍କର୍ ସଦସ୍ୟତା ନବୀକରଣ୍ ଆଏଜ୍ କରାଯିବା ବଲି ଜନାପଡ଼ିଛେ । ବିଜେପି ରାଜ୍ୟ ଶାଖା ସଭାପତି ମନମୋହନ୍ ସାମଲ୍ ଇ ବାବ୍‌ଦେ କହିଛନ୍ ଯେ, ଘର୍‌କେ ଘର୍ ଯାଇକରି ସମାଜ୍‌ର ସବୁ ସ୍ତରର୍ ଲୁକ୍‌କୁ ସଦସ୍ୟତା ଲାଗି ପଦକ୍ଷେପ୍ ନିଆଯିବା । ଓଡ଼ିଶା ନ ଦଲର୍ ପାଖାପାଖି ୪୨ ଲାଖ୍ ସଦସ୍ୟ ରହିଛନ୍ । ୨ ଟା ଖେପେ ହେବାର୍‌କେ ଥିବାର୍ ଇ ଅଭିଯାନ୍‌ର ପହେଲା ଖେପ୍ ଆଏବା ୨୫ ତାରିଖ୍‌ତକ୍ ଆଉ ୨ ନମ୍ବର୍ ଖେପ୍ ଆଏବା ମାସର୍ ୨ ନୁ ୨୫ ତାରିଖ୍ ଭିତ୍‌ରେ ହେବା ବଲି ସେ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ବିଶ୍ୱବେଙ୍କ୍ ପ୍ରତିନିଧି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ବିଶ୍ୱବେଙ୍କ୍‌ର ପ୍ରତିନିଧି ସୌଜନ୍ୟମୂଲକ୍ ସାକ୍ଷାତ୍ କରିଛନ୍ । ଆଲୋଚନା ସମିଆଥି ବିଶ୍ୱବେଙ୍କ୍ ପ୍ରତିନିଧି ରାଜ୍ୟର୍ ଭୌଗୋଳିକ୍‌ଥିତି, ଜଲ୍‌ବାୟୁ, ମୃତିକା ସଂରକ୍ଷଣ୍ ଆର୍ ପରିବେଶ୍ ଅନୁକୂଲ୍ ଜୈବିକ୍ ଚାଷ୍‌କେ ପ୍ରଶଂସା କରିଥିଲେ । ବିଶ୍ୱବେଙ୍କ୍ ଆଘର୍ ବଛର୍ ମାନ୍‌କର୍ ବାଗିର୍ ଓଡ଼ିଶା ନ କୃଷି କ୍ଷେତ୍ରକେ ଯେନ୍ ପ୍ରାଧାନ୍ୟ ଦେଇଆସିଛେ ଆଗ୍‌କେ ଭିଲ୍ ଇଟା ଜାରି ରହେବା ବଲି ସେ କହିଛନ୍ ।

ସର୍କାରୀ କର୍ମଚାରୀ ପଦ୍‌ବୀ ଖାଲି        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଥିବା ମୋଟ୍ ୫ ଲାଖ୍ ୯୬ ହଜାର୍ ୬ ଶହ ୪୭ ମଞ୍ଜୁରୀପ୍ରାପ୍ତ ସର୍କାରୀ କର୍ମଚାରୀ ପଦ୍‌ବୀ ଭିତ୍‌ରୁ ୨ ଲାଖ୍ ୫ ହଜାର୍ ୨ ଶହ ୨୮ ଟା ପଦ୍‌ବୀ ଭିନ୍ ଭିନ୍ ବିଭାଗ୍‌ଥି ଖାଲି ପଡ଼ିଛେ । ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍‌ଥି ସବୁନୁ ଅଏତ୍‌କା ୬୩ ହଜାର୍ ୪ ଶହ ୪୫ ଟା ପଦ୍‌ବୀ ଖାଲି ପଡ଼ିଥିବାର୍ ବେଲେ ସ୍ୱାସ୍ଥ୍ୟ ବିଭାଗ୍‌ଥି ୩୯ ହଜାର୍ ଶହେ ୨୭, ଗୃହବିଭାଗ୍‌ଥି ୧୯ ହଜାର୍‌ନୁ ଅଏତ୍‌କା ଆଉ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ଥି ୧୧ ହଜାର୍ ୮ ଶହ ୧୦ ପଦ୍‌ବୀ ଖାଲି ପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଉତ୍ସବ        ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଆଏବା ୫ ତାରିଖ୍ ଦିନ ଗୁରୁଦିବସ୍ ଅବ୍‌ସରେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଉତ୍ସବ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ୩ ଶହ ୬୫ ଝନ୍ ଛାତ୍ରଛାତ୍ରୀମାନ୍‌କୁ ଇ ଶିକ୍ଷା

ପୁରସ୍କାର୍ ଦେବେ । ଇଥିର୍‌ଲାଗି ମୋ ସ୍କୁଲ୍ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଜନେଇ ଦିଆଯାଇଛେ ।

ଓଟିଡିସିର ପ୍ରତିଷ୍ଠା ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ପର୍ଯ୍ୟଟନ୍ ଉନ୍ନୟନ୍ ନିଗମ୍ - ଓଟିଡିସିର ପ୍ରତିଷ୍ଠା ଦିବସ୍ ଆଏଜ୍ ଭୁବ୍‌ନେଶ୍ୱର୍ ନ ଓଟିଡିସି ପାନ୍ଥନିବାସ୍ ନ ପାଲନ୍ କରାଯିବା । ଇଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ଆଏଜ୍ ସଞ୍ଝେ ଧଉଳି ଠାନେ ଲାଇଟ୍ ଆଉ ସାଉଣ୍ଡ୍ କାର୍ଯ୍ୟକ୍ରମ୍ ଭିଲ୍ ଅନୁଷ୍ଠିତ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ଆଖର୍ ପାଖର୍ ଉତର୍ ପଶ୍ଚିମ ବଙ୍ଗୋପ୍ ସାଗର୍ ନ ଆଏବା ୫ ତାରିଖ୍ ଆଢ଼େ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ୫ ନୁ ୭ ତାରିଖ୍‌ତକ୍ ଦକ୍ଷିଣ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ । ଆଏବା ୯ ତାରିଖ୍‌ତକ୍ ରାଜ୍ୟର୍ ଅଲ୍‌ଗା ଜିଲ୍ଲାମାନ୍‌କେ ଭିଲ୍ ବିଜ୍‌ଲି ଆଉ ଘଡ଼୍‌ଘଡ଼ି ସହେତେ କମ୍ ନୁ

ମଧ୍ୟମ୍ ଧରଣ୍ର ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।